# NATIONAL NEWS BULLETIN (ODIA)

**29 June- 2025**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

---

- ସ୍ୱାସ୍ଥ୍ୟଠାରୁ ସାମାଜିକ ସୁରକ୍ଷା ପର୍ଯ୍ୟନ୍ତ ଦେଶର ପ୍ରତ୍ୟେକ କ୍ଷେତ୍ରରେ ପରିପୂର୍ଣ୍ଣ ଚିନ୍ତାଧାରା ସାମାଜିକ ନ୍ୟାୟର ଉଲ୍ଲେଖନୀୟ ପ୍ରତିଫଳନ - କହିଲେ ପ୍ରଧାନମନ୍ତ୍ରୀ ।

- ଆକାଶବାଣୀର ମନ୍ କି ବାତ୍‌ରେ ଆଜି ଦେଶବାସୀଙ୍କ ସହ ଭାବ ବିନିମୟ କରି କହିଛନ୍ତି ବିଭିନ୍ନ ଧାର୍ମିକ ଯାତ୍ରା ସେବା ଭାବନା ପାଇଁ କରିଥାଏ ସୁଯୋଗ ପ୍ରଦାନ ।

- କୋଲକାତା ଆଇନ୍‌ଛାତ୍ରୀ ଗଣଦୁଷ୍କର୍ମ ଘଟଣାରେ କଲେଜ ପରିଦର୍ଶନ କଲେ ଜାତୀୟ ମହିଳା କମିଶନର ପ୍ରତିନିଧି ମଣ୍ଡଳୀ ।

- ପୁରୀରେ ଦଳାଚକଟା ଘଟଣାରେ ୩ଜଣଙ୍କର ମୃତ୍ୟୁ, ୧୨ଜଣ ଆହତ ।

ଏବଂ

- ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ନିର୍ଦ୍ଧାରିତ ସମୟର ୯ ଦିନ ପୂର୍ବରୁ ଦେଶର ସବୁ ଅଞ୍ଚଳରେ ପହଞ୍ଚିଛି ।

---

# ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସ୍ୱାସ୍ଥ୍ୟଠାରୁ ସାମାଜିକ ସୁରକ୍ଷା ପର୍ଯ୍ୟନ୍ତ ଦେଶ ପ୍ରତ୍ୟେକ କ୍ଷେତ୍ରରେ ପରିପୂର୍ଣ୍ଣତାର ଚିନ୍ତାଧାରା ସହିତ ଅଗ୍ରସର ହେଉଛି । ସାମାଜିକ ନ୍ୟାୟର ଏହା ଏକ ଉଲ୍ଲେଖନୀୟ ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କ ସହ ଭାବ ବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସାମ୍ପ୍ରତିକ ପରିସ୍ଥିତିରେ ଦେଶର ଅଧିକାଂଶ ଲୋକ କୌଣସି ନା କୌଣସି ସାମାଜିକ ସୁରକ୍ଷାର ସୁଫଳ ପାଉଛନ୍ତି । ଆନ୍ତର୍ଜାତିକ ଶ୍ରମ ସଂଗଠନ ଆଇ.ଏଲ୍.ଓ ରିପୋର୍ଟ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି ଦେଶର ୯୫କୋଟି ଲୋକ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ଅଛନ୍ତି । ୨୦୧୫ ମସିହା ପର୍ଯ୍ୟନ୍ତ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଫଳ ଦେଶର ୨୫ କୋଟିରୁ କମ୍ ଲୋକଙ୍କ ପାଖରେ ପହଞ୍ଚିଥିଲା । ଏଭଳି ସଫଳତା ଆତ୍ମବିଶ୍ୱାସ ସୃଷ୍ଟି କରିଛି ଏବଂ ଭାରତ ଏହାକୁ ଆଧାର କରି ପ୍ରତ୍ୟେକ କ୍ଷେତ୍ରରେ ଶକ୍ତିଶାଳୀ ହେବାକୁ ପ୍ରୟାସ ଜାରି ରଖିଛି ।

**V/O (PM Social Protection)**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଭାରତକୁ ଟ୍ରାକୋମା ମୁକ୍ତ ଘୋଷଣା କରାଯିବା ପ୍ରସଙ୍ଗକୁ ଉଲ୍ଲେଖକରି ପ୍ରଧାନମନ୍ତ୍ରୀ କହିଛନ୍ତି ସ୍ୱଚ୍ଛ ଭାରତ ଅଭିଯାନ ଏବଂ ଜଳଜୀବନ ମିଶନ ଏହି ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ।

ଜରୁରୀକାଳୀନ ପରିସ୍ଥିତିକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏହାକୁ ଲାଗୁ କରି ତତ୍କାଳୀନ ସରକାର କେବଳ ସମ୍ବିଧାନକୁ ହତ୍ୟା କରି ନ ଥିଲେ ବରଂ ନ୍ୟାୟ ପାଳିକାକୁ ପଙ୍ଗୁ କରିଦେଇଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି ଜରୁରୀକାଳୀନ ପରିସ୍ଥିତିକୁ ଦୃଢ଼ତାର ସହିତ ସାମ୍ନା କରିଥିବା ବ୍ୟକ୍ତିଙ୍କୁ ସମସ୍ତେ ମନେରଖିବା ଉଚିତ ।

ଗତ ୨୧ ତାରିଖରେ ପାଳିତ ହୋଇଥିବା ଆନ୍ତର୍ଜାତିକ ଯୋଗ ଦିବସ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଚଳିତଥରର ବିଷୟବସ୍ତୁ 'ଏକ ପୃଥିବୀ ଏବଂ ସୁସ୍ଥତା ପାଇଁ ଯୋଗ' କେବଳ ଏକ ସ୍ଲୋଗାନ ନଥିଲା ବରଂ ବସୁଧୈବ କୁଟୁମ୍ବକମର ସାରମର୍ମକୁ ମନେପକାଇ ଦେଇଥିଲା ।

**V/O (PM Yoga for Health)**

ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କୈଳାସ ମାନସରୋବର ଯାତ୍ରା, ଅମରନାଥ ଯାତ୍ରା ଏବଂ ଜଗନ୍ନାଥ ରଥଯାତ୍ରା ଉପରେ ଆଲୋକପାତ କରିଥିଲେ । ଏହିସବୁ ଧାର୍ମିକ ଯାତ୍ରା ସେବା ଭାବନା ପାଇଁ ଏକ ସୁଯୋଗ ପ୍ରଦାନ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM Yatra Camp)**

ପ୍ରଧାନମନ୍ତ୍ରୀ କହିଛନ୍ତି ହସ୍ତଶିଳ୍ପ ଏବଂ ଦକ୍ଷତାର ବିବିଧତା ଦେଶର ଏକ ପ୍ରମୁଖ କ୍ଷେତ୍ର । ଏହି ଅବସରରେ ସେ ମେଘାଳୟର ଏରିସିଲ୍କ ଉପରେ ଆଲୋକପାତ କରିଥିଲେ ।

ମହିଳା ନେତୃତ୍ୱାଧୀନ ବିକାଶ ଉପରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶର ମହିଳା ସମଗ୍ର ସମାଜ ପାଇଁ ନୂତନ ଦିଗ୍‌ଦର୍ଶନ ପ୍ରଦାନ

କରୁଛନ୍ତି । ଏହି ଅବସରରେ ଦେଶର କେତେକ ଅଞ୍ଚଳର ମହିଳା ଚାଷୀ ଏବଂ ଉଦ୍ୟୋଗୀଙ୍କ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଗତମାସରେ ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷକୁ ଭାରତରୁ ଭିଏତ୍‌ନାମକୁ ନିଆଯାଇଥିଲା । ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନରେ ସାଧାରଣ ଦର୍ଶନ ପାଇଁ ଏହାକୁ ରଖାଯାଇଥିଲା । ଭାରତରେ ଏଭଳି ପଦକ୍ଷେପ ସେଠାରେ ଏକ ଜାତୀୟ ଉତ୍ସବରେ ପରିଣତ ହୋଇଥିଲା । ପ୍ରାୟ ୧୦କୋଟି ଜନସଂଖ୍ୟା ବିଶିଷ୍ଟ ଭିଏତ୍‌ନାମରେ ଦେଢ଼କୋଟିରୁ ଅଧିକ ଲୋକ ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷକୁ ଦର୍ଶନ କରିଥିଲେ । ଭଗବାନ ବୁଦ୍ଧଙ୍କ ଚିନ୍ତାଧାରା ଦେଶ, ସଂସ୍କୃତି ଏବଂ ଲୋକଙ୍କୁ ଏକତ୍ର ବାନ୍ଧିବାର ଶକ୍ତି ରଖିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ବିଶ୍ୱ ପରିବେଶ ଦିବସ ଉପରେ ଆଲୋକପାତ କରିବା ସହ ପ୍ରଧାନମନ୍ତ୍ରୀ ଚାରାରୋପଣ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏକ୍ ପେଡ୍ ମାଁ କେ ନାମ୍ ଅଭିଯାନ ଅଧୀନରେ ଚାରାରୋପଣ ଉଲ୍ଲେଖନୀୟ ସଫଳତା ହାସଲ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## କୋଲକାତା ଗ୍ୟାଙ୍ଗ ରେପ୍

କୋଲକାତା ଆଇନ୍ ଛାତ୍ରୀ ଗଣଦୁଷ୍କର୍ମ ଘଟଣାରେ ଜାତୀୟ ମହିଳା କମିଶନର ଏକ ପ୍ରତିନିଧିମଣ୍ଡଳୀ ଡକ୍ଟର ଅର୍ଚ୍ଚନା ମଜମୁଦାରଙ୍କ ନେତୃତ୍ୱରେ ଆଜି ସେହି ଆଇନ୍ କଲେଜ ପରିଦର୍ଶନ କରିଛନ୍ତି । ସେଠାରେ ପରିସ୍ଥିତିର ସମୀକ୍ଷା କରିଛନ୍ତି । ଅନ୍ୟପକ୍ଷରେ ଘଟଣାର ତଦନ୍ତ ପାଇଁ କୋଲକାତା ପୋଲିସ ଜଣେ ସହକାରୀ ପୋଲିସ କମିଶନରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରିଛି । ଏହି ଘଟଣାରେ ପୋଲିସ ଏପର୍ଯ୍ୟନ୍ତ ୪ଜଣଙ୍କୁ ଗିରଫ କରିଛି ।

ସେଥିମଧ୍ୟରେ ୨ଜଣ ବରିଷ୍ଠ ଛାତ୍ର, ଜଣେ ପୁରାତନ ଛାତ୍ର ଏବଂ ସୁରକ୍ଷା ଗାର୍ଡ ରହିଛନ୍ତି ।

## ପୁରୀ ଦଳାଚକଟା

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଆଜି ଭୋର ୪ଟା ସମୟରେ ରଥାରୂଢ଼ ଦାରୁବ୍ରହ୍ମଙ୍କୁ ଦର୍ଶନ ସମୟରେ ଅସ୍ୱାଭାବିକ ଭିଡ ଯୋଗୁଁ ହୋଇଥିବା ଦଳାଚକଟା ଘଟଣାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି ବୋଲି ପୁରୀ ଜିଲ୍ଲାପାଳ କହିଛନ୍ତି।

ଏହି ସମୟରେ ଚାରମାଳ କାଠ ବୋଝେଇ ଟ୍ରକ୍ ହଠାତ୍ ଭିଡ ପରିସରକୁ ଆସିଯିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଦୁଃଖଦ ଘଟଣାରେ  ଗୁରୁତର ଆହତ ୬ ଜଣଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିବାବେଳେ ୩ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାରେ ୮୦ ଜଣ ଆହତ  ହୋଇ ଚିକିତ୍ସିତ ହେଉଛନ୍ତି ବୋଲି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ଏ ସମ୍ପର୍କରେ ଆଇନ୍ ମନ୍ତ୍ରୀ **ପୃଥ୍ୱୀରାଜ ହରିଚନ୍ଦନ** କହିଛନ୍ତି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ପ୍ରଶାସନିକ ସ୍ତରରେ ତଦନ୍ତ ଆରମ୍ଭ ହୋଇଛି।

ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନରେ ଉଚ୍ଚସ୍ତରୀୟ ବୈଠକ ଜାରି ରହିଛି। ଏଥିରେ ଦୁଇ ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ରହି ଅଘଟଣର ବିଭିନ୍ନ ଦିଗ ଉପରେ ଆଲୋଚନା କରୁଛନ୍ତି। ଘଟଣାର ସମ୍ପୂର୍ଣ୍ଣ ପ୍ରଶାସନିକ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ମହାପ୍ରଭୁଙ୍କ ରଥଯାତ୍ରାରେ ଏଭଳି ଅଘଟଣକୁ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉନ୍ନୟନ କମିଶନଙ୍କ ଅଧୀନରେ ପ୍ରଶାସନିକ ତଦନ୍ତ ପାଇଁ ନିର୍ଦ୍ଦେଶ

ଦେଇଛନ୍ତି । ଏହାସହ ପୁରୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ବଦଳି କରାଯାଇଛି । ନୂତନ ଜିଲ୍ଲାପାଳ ଭାବେ ଚଞ୍ଚଳ ରାଣା ଏବଂ ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି । ଏହା ସହିତ ଡିସିପି ବିଷ୍ଣୁ ପତି ଓ କମାଣ୍ଡାଣ୍ଟ ଅଜୟ ପାଢ଼ୀଙ୍କୁ ଦାୟିତ୍ୱରେ ଅବହେଳା ପ୍ରଦର୍ଶନ ଅଭିଯୋଗ ପାଇଁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି ।

ପୁରୀ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ  ଆଜି ଦଳାଚକଟା ଘଟଣାରେ ୩ ଜଣଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୨୫ ଲକ୍ଷ ଟଂକା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ସୁରକ୍ଷା ଅବହେଳାର ତୁରନ୍ତ ତଦନ୍ତ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପୁରୀ ଅଘଟଣା ପରେ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଓ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି । ଘଟଣାସ୍ଥଳରେ ବ୍ୟାପକ ପୁଲିସ୍ ମୁତୟନ କରାଯାଇଛି । ବର୍ତ୍ତମାନ ସ୍ଥିତି ସ୍ୱାଭାବିକ ହୋଇଥିବାବେଳେ ସକାଳ ସାଢ଼େ ୧୦ଟା ସମୟରେ ସକାଳ ଧୂପ ପୂଜା ଶେଷ ହୋଇଛି । ଶ୍ରଦ୍ଧାଳୁ ରଥାରୂଢ଼ ଶ୍ରୀଜୀଉମାନଙ୍କୁ ଶୃଙ୍ଖଳାର ସହ ଦର୍ଶନ କରୁଛନ୍ତି । ରଥ ଉପରେ ସନ୍ଧ୍ୟା ଧୂପ ନୀତି ଶେଷ ହେବା ପରେ ଠାକୁରମାନଙ୍କୁ ଗୋଟି ପହଣ୍ଡିରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନିଆଯିବ । ପ୍ରଥମେ ମଦନମୋହନ, ରାମ ଓ କୃଷ୍ଣ ବିଜେ କରିବା ପରେ ସୁଦର୍ଶନ ମହାପ୍ରଭୁଙ୍କ ପହଣ୍ଡି ଆରମ୍ଭ ହେବ ।

## ଷ୍ଟାଟିଷ୍ଟିକ୍ସ ଡେ

ପ୍ରତ୍ୟେକଟି ଯୋଜନା ଏବଂ ତଥ୍ୟକୁ ବିଶ୍ଳେଷଣ କରିବା ଦିଗରେ ପରିସଂଖ୍ୟାନର ଗୁରୁତ୍ୱକୁ ଉପଲବ୍ଧ କରିବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ପରିସଂଖ୍ୟାନ ଦିବସ । ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲାନୋବିସ୍‌ଙ୍କ ଜନ୍ମଜୟନ୍ତୀଙ୍କୁ ପରିସଂଖ୍ୟାନ ଦିବସ ଭାବେ ପାଳନ କରାଯାଇଥାଏ । ଚଳିତ ବର୍ଷ ଏହି ଦିବସର

ବାର୍ତ୍ତା ରହିଛି "୭୫ ବର୍ଷର ଜାତୀୟ ନମୁନା ସର୍ଭେ" । ଏହି ଅବସରରେ ନୂଆଦିଲ୍ଲୀରେ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟାନ୍ୱୟନ ମନ୍ତ୍ରୀ ରାଓ ଇନ୍ଦରଜିତ୍ ସିଂହ ଏଥିରେ ଯୋଗଦେଇ କହିଛନ୍ତି ବର୍ତ୍ତମାନର ତଥ୍ୟ ଆଧାରିତ ବିଶ୍ୱରେ ପରିସଂଖ୍ୟାନ ହେଉଛି ପ୍ରମାଣ ଆଧାରିତ ଶାସନର ଭିତ୍ତିଭୂମି । ଏହି ଅବସରରେ ଶ୍ରୀ ସିଂହ ଏକ ସ୍ମାରକୀ ମୁଦ୍ରା ଏବଂ ଷ୍ଟାମ୍ପର ଉନ୍ମୋଚନ କରିଥିଲେ । ଅନେକ ଗୁରୁତ୍ୱପୂର୍ଣ୍ଣ ପରିସଂଖ୍ୟାନର ପ୍ରକାଶନକୁ ମଧ୍ୟ ଆଜି ଉନ୍ମୋଚନ କରାଯାଇଛି ।

## ଚାରିଧାମ ଯାତ୍ରା

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲା ଅନ୍ତର୍ଗତ ସିଲାଇବନ୍ଦଠାରେ ଆଜି ସକାଳେ ପ୍ରବଳ ବର୍ଷାଜନିତ ପରିସ୍ଥିତି ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏକ ନିର୍ମାଣଧୀନ ସ୍ଥାନରେ ୯ଜଣ ଶ୍ରମିକ ନିଖୋଜ ଥିବା ଜଣାପଡିଛି । ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି । ସେଠାରେ କାର୍ଯ୍ୟରତ ଥିବା ୧୯ଜଣଙ୍କ ମଧ୍ୟରୁ ୧୦ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଲଗାଣ ବର୍ଷା ଯୋଗୁଁ ରାଜ୍ୟରେ ଗଙ୍ଗୋତ୍ରି ଓ ଯମୁନେତ୍ରୀ ରାଜପଥରେ ଯାତାୟାତ ବନ୍ଦ ରଖାଯାଇଛି ।

ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଚାରିଧାମ ଯାତ୍ରାକୁ ଆସନ୍ତା ୨୪ଘଣ୍ଟା ପାଇଁ ସ୍ଥଗିତ ରଖାଯାଇଛି । ହରିଦ୍ୱାର, ରିଷିକେଶ, ଶ୍ରୀନଗର, ରୁଦ୍ରପ୍ରୟାଗ, ସୋନପ୍ରୟାଗ ଏବଂ ବିକାଶ ନଗରରେ ରହିଥିବା ତୀର୍ଥଯାତ୍ରୀଙ୍କୁ ସମ୍ପୃକ୍ତ ସ୍ଥାନରେ ଅଟକାଇ ରଖିବାକୁ ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ପରିସ୍ଥିତିର ସମୀକ୍ଷା କରିବା ସହ

ଡେରାଡୁନସ୍ଥିତ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ରକୁ ପରିଦର୍ଶନ କରିଛନ୍ତି । ଉତ୍ତରାଖଣ୍ଡର ୭ଟି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି ।

---

## ମନ୍‌ସୁନ ଲୋ ପ୍ରେସର

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜସ୍ଥାନ, ପଶ୍ଚିମ ଉତ୍ତରପ୍ରଦେଶ ଓ ହରିୟାଣାର ଅବଶିଷ୍ଟ ଅଞ୍ଚଳ ଏବଂ ଦିଲ୍ଲୀରେ ପହଞ୍ଚିଛି । ଭାରତୀୟ ପାଣିପାଗ ବିଭାଗ ଦେଇଥିବା ସୂଚନା ଅନୁଯାୟୀ ଦକ୍ଷିଣ ପଶ୍ଚିମ ମୌସୁମୀ ନିର୍ଦ୍ଧାରିତ ସମୟର ୯ଦିନ ପୂର୍ବରୁ ଦେଶର ସବୁ ଅଞ୍ଚଳରେ ପହଞ୍ଚିଛି । ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ଜଣାପଡିଛି । ଆଗାମୀ ଦୁଇଦିନ ମଧ୍ୟରେ ଏହାର ପ୍ରଭାବରେ ଉତ୍ତର ଓଡ଼ିଶା, ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳ ଏବଂ ଝାଡ଼ଖଣ୍ଡରେ ବର୍ଷାର ସମ୍ଭାବନା ରହିଛି ।

---